# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 September - 2024**

**News Editor : Tapan Kumar Moharan**

**********************************

## ମୁଖ୍ୟ ସମ୍ବାଦ

- ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମର ୧୧୪ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଜିଲ୍ଲାପାଳ-ଆରକ୍ଷୀ ଅଧିକ୍ଷକ ସେମାନଙ୍କ ପଦବୀର ଉତ୍ତରଦାୟିତ୍ୱ ନିର୍ବାହ ଦିଗରେ ଗୋଟିଏ ଦଳ ଭଳି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପୂର୍ବରୁ ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି

ଏବଂ

- ରକ୍ତତୀର୍ଥ ଇରମ୍‌ରେ ପ୍ରାଣବଳି ଦେଇଥିବା ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୧୪ତମ ସଂସ୍କରଣ ହେବ। ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କୀ ବାତ୍ କାର୍ଯ୍ୟକ୍ରମ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କି ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ କାର୍ଯ୍ୟକ୍ରମର ପ୍ରସାରଣ କରାଯିବ । ଆସନ୍ତାକାଲି ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ।

## ମୁଖ୍ୟମନ୍ତ୍ରୀ–ଜିଲ୍ଲା ସମ୍ମିଳନୀ

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଶାସନ-ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଉଭୟ ସେମାନଙ୍କ ପଦବୀର ଉତ୍ତରଦାୟିତ୍ୱ ନିର୍ବାହ କରିବା ନିମନ୍ତେ ଗୋଟିଏ ଦଳ ଭଳି କାର୍ଯ୍ୟ କରିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନଙ୍କ ମିଳିତ

ସମ୍ମିଳନୀର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ଏହି ବିଷୟ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ କରିବା ସରକାରଙ୍କ ପ୍ରାଥମିକତା ଏବଂ ଏ କ୍ଷେତ୍ରରେ ରାଜ୍ୟ ପୁଲିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ମାଓ ମୁକାବିଲା ନିମନ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ମାଓବାଦୀମାନେ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଗତ ୨୨ ବର୍ଷ ଓଡ଼ିଶା ପାଇଁ ବିରାଟ କାଳଖଣ୍ଡ ଥିଲା ବୋଲି କହିବା ସହ ମହିଳା, ଶିଶୁ ଓ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଲିସ୍ ପ୍ରଶାସନକୁ ଛାତ୍ରୀ, ମହିଳା ଓ ଯୁବତୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଥିବା ସବୁ ମହିଳା ଓ ଶିଶୁ ଡେସ୍କକୁ କ୍ରିୟାଶୀଳ କରିବା ସହ ସାଇବର ଅପରାଧ ରୋକିବା ଦିଗରେ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ବେଆଇନ୍ ନିଶା କାରବାର ବନ୍ଦ କରିବା ପ୍ରକ୍ରିୟାକୁ ଅଭିଯାନ ଭାବରେ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ୨୪ ଘଂଟା କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର

ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ପ୍ରତିଷ୍ଠା ହେବ ଏବଂ ଏଥିରେ ୧ ହଜାର ୪୩ଟି ପଦବୀ ସୃଷ୍ଟି କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।  ତ୍ୱରିତ ସେବା ଯୋଗାଇଦେବା ଲାଗି ପ୍ରତ୍ୟେକ ଥାନାକୁ ୧ ଲେଖାଏଁ ନୂଆ ଦୁଇଚକିଆ ଯାନ ପ୍ରଦାନ କରାଯିବ। ଏହି ପ୍ରକ୍ରିୟାରେ ୯ ହଜାର ବାଇକ୍ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।  ଏହା ବ୍ୟତୀତ ପ୍ରତ୍ୟେକ ଡାକ୍ତରଖାନାରେ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା, ପ୍ରତ୍ୟେକ ଜିଲ୍ଲାରେ ଓଡ୍ରାଫ ଦଳ ନିମନ୍ତେ ଅଧିକ ୧୦ଟି ୟୁନିଟ୍ ଓଡ୍ରାଫ୍ ଦଳ ପ୍ରତିଷ୍ଠା ଓ ୩ଟି ନୂଆ ଓଡ଼ିଶା ଷ୍ଟେଟ୍ ଷ୍ଟ୍ରାଇକିଂ ଫୋର୍ସ୍ ବାଟାଲିୟନ୍ ଗଠନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ସାଇବର ସଚେତନତା

ରାଜ୍ୟରେ ବୃଦ୍ଧି ପାଉଥିବା ସାଇବର ଅପରାଧକୁ ଦୃଷ୍ଟିରେ ରଖି ରାଜ୍ୟରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପ୍ରତିଷ୍ଠାର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗତକାଲି ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଲୋକସେବା ଭବନରେ ସାକ୍ଷାତ ଆଲୋଚନା କରିଛନ୍ତି। ଓଡ଼ିଶାର ପିଲାମାନଙ୍କୁ ସାଇବର ସୁରକ୍ଷା ଉପରେ ଶିକ୍ଷା ପ୍ରଦାନ ଏବଂ ସଚେତନ କରିବା ଲାଗି ଏହି କ୍ୟାମ୍ପସ୍ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାବ୍ୟତୀତ ବିଭିନ୍ନ ଅପରାଧର ତଦନ୍ତ ଓ ଅପରାଧ ରୋକିବା

ଦିଗରେ ବିଶେଷଜ୍ଞ ସୃଷ୍ଟି କରିବା କ୍ଷେତ୍ରରେ ଏହି କ୍ୟାମ୍ପସ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଧାନମଣ୍ଡି

ଯେଉଁ ଜିଲ୍ଲାର ମଣ୍ଡିଗୁଡ଼ିକରେ କୌଣସି କାରଣ ଯୋଗୁଁ ଧାନ ସଂଗ୍ରହ ହୋଇପାରୁ ନାହିଁ ସେ କ୍ଷେତ୍ରରେ ନିକଟତମ ଜିଲ୍ଲାର ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଚଳିତଥର ରାଜ୍ୟର ୪ ହଜାର ୬ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଗଚ୍ଛି ଫସଲର ସଂରକ୍ଷଣ ପାଇଁ ଖୁବ୍ ଶୀଘ୍ର ୫୮ଟି ଶୀତଳଭଣ୍ଡାର ଖୋଲାଯିବ।

## ସୁଭଦ୍ରା ଯୋଜନା

ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପୂର୍ବରୁ ସୁଭଦ୍ରା ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଏ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରି ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁଭା ଶର୍ମା କହିଛନ୍ତି, ଏପର୍ଯ୍ୟନ୍ତ ୯୫ ଲକ୍ଷରୁ ଅଧିକ ସୁଭଦ୍ରା ଆବେଦନ ପଞ୍ଜୀକୃତ ହୋଇଛି। ସେଗୁଡ଼ିକ ମଧ୍ୟରୁ ୨୫ ଲକ୍ଷ ୧୭ ହଜାର ୫୪୫ ଜଣ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବାବେଳେ ୧୨ ହଜାର ୧୭୫ ଜଣଙ୍କୁ ସିବିଡିସି ଜରିଆରେ ଅର୍ଥ ପ୍ରଦାନ କରାଯାଇଛି।

## ସଦସ୍ୟତା ଅଭିଯାନ

ଭାରତୀୟ ଜନତା ପାର୍ଟି କଟକ ନଗର ପକ୍ଷରୁ ଆଜି ବାରବାଟି ନିର୍ବାଚନ ମଣ୍ଡଳୀର ସଦସ୍ୟତା ଅଭିଯାନ ଶୁଭାରମ୍ଭ କରାଯାଇଛି । ଅଭିଯାନରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରାଯାଇ ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଛି । ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି ଏହି ଅଭିଯାନ କାଳରେ ପ୍ରତ୍ୟେକ ବୁଥ୍‌ରୁ  ୫୦୦ ଲେଖାଁଏ ସଭ୍ୟ ସଂଗ୍ରହ କରିବା ଲାଗି ଯୋଜନା ରହିଛି । ରାଜ୍ୟସଭା ସଦସ୍ୟ ତଥା ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ସିଂ ପାଲ୍ ତୋମାର ଏହି ସଭ୍ୟ ସଂଗ୍ରହ ଅଭିଯାନକୁ ଉଦ୍‌ଘାଟନ କରି ତୃଣ ମୂଳ ସ୍ତରରୁ ଦଳକୁ ଶକ୍ତିଶାଳୀ କରାଯିବ ବୋଲି କହିଛନ୍ତି ।

## ଯକୃତ ରୋଗ

ଦେଶରେ ଯକୃତ ଜନିତ ରୋଗ ଯୋଗୁଁ ୬୬ ପ୍ରତିଶତ ମୃତ୍ୟୁ ହେଉଥିବା ଜଣାପଡିଛି । ଏକ ସରକାରୀ ବିବୃତି ଅନୁଯାୟୀ, ମେଦବହୁଳତା ସମସ୍ୟା ଯୋଗୁଁ ଅଣସଂକ୍ରାମକ ରୋଗ ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି । ସୂଚନା ଅନୁଯାୟୀ, ପ୍ରତି ୧୦ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ମେଦ ବହୁଳତା, ମଧୁମେହ ଓ ହୃଦ୍‌ରୋଗ ଭଳି ସମସ୍ୟା ଦେଖା ଦେଉଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି । ଏ ନେଇ ଜାରି ପରାମର୍ଶବଳୀରେ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି ।

## ଶହୀଦ ଦିବସ

ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଠାରେ ଆଜି ଶହୀଦ ଦିବସ ପାଳନ କରାଯାଉଛି । ପ୍ରଭାତଫେରୀ, ତିଳ ତର୍ପଣ ଏବଂ ଶହୀଦ ପୀଠରେ ଲୋକମାନେ ମାଲ୍ୟାର୍ପଣ କରିବା ସହ ପୋଲିସ୍ ପକ୍ଷରୁ ଗାର୍ଡ ଅଫ୍ ଅନର୍ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରକ୍ତତୀର୍ଥ ଇରମ୍‌ରେ ପ୍ରାଣବଳୀ ଦେଇଥିବା ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଦ୍ୱିତୀୟ ଜାଲିଆନାୱାଲାବାଗ୍ ଭାବରେ ପରିଚିତ ଭଦ୍ରକର ରକ୍ତତୀର୍ଥ ଇରମ୍‌ଠାରେ ପ୍ରାଣବଳୀ ଦେଇଥିବା ବୀର ସହିଦ୍‌ମାନଙ୍କୁ ଦେଶ ସ୍ମରଣ କରୁଛି।

ସୂଚନାଯୋଗ୍ୟ, ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଇଂରେଜ ଶାସନ ବିରୁଦ୍ଧରେ ଲଢ଼େଇ କରି ଆଜିର ଦିନରେ ୨୯ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ ।

## ମାଣିଆବନ୍ଧ ପୁରସ୍କୃତ

**କଟକ** ଜିଲ୍ଲା ମାଣିଆବନ୍ଧକୁ ହସ୍ତକଳା କ୍ଷେତ୍ରରେ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭାବେ ପୁରସ୍କୃତ କରାଯାଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଚଳିତବର୍ଷର ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭାବେ ମାଣିଆବନ୍ଧକୁ ଏହି ପୁରସ୍କାର ପ୍ରଦାନ କରିଛି। ବଡମ୍ବା ବ୍ଲକ୍ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମର ପ୍ରାଚୀନ ହସ୍ତତନ୍ତ ବୟନ କାରିଗରୀର ଐତିହାସିକ ସୁନାମ ରହିଥିବାବେଳେ ଜାତୀୟ ଓ ଅନ୍ତର୍ଜାତୀୟ

ସ୍ତରରେ ଆଦର ଲାଭ କରିଛି। ଗ୍ରାମର ୮୦ ଭାଗ ଲୋକ ହସ୍ତତନ୍ତ ବୟନ ଉପରେ ନିର୍ଭର କରି ପରିବାର ଚଳାଇଥାନ୍ତି। ୧୨ ଶହ ବୁଣାକାର ଏହି ବୃତ୍ତିରେ ନିୟୋଜିତ ଅଛନ୍ତି।

ଏହି ସଫଳତା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ହସ୍ତଶିଳ୍ପ ମଧ୍ୟରେ ବୟନଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେ କହିଛନ୍ତି, କଟକ ଜିଲ୍ଲାର ମାଣିଆବନ୍ଧ ଶାଢ଼ୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

## ସ୍ୱଚ୍ଛତା ହିଁ ସେବା

**ଢେଙ୍କାନାଳ**ଠାରେ କୋଶଳ ଭାରତ କେନ୍ଦ୍ର ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ ହୋଇଛି। ସଂସ୍ଥାର କର୍ମଚାରୀ ଓ ଅଧିକାରୀମାନେ ବସ୍‌ଷ୍ଟାଣ୍ଡ ସମେତ ରୋଟାରୀ କ୍ଲବ୍ ପ୍ରାଙ୍ଗଣରେ ଅଳିଆ ଆବର୍ଜନା ସଫା କରିଛନ୍ତି। ସେହିପରି ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ସ୍ୱଚ୍ଛତା ହିଁ ସେବା

**ସୁବର୍ଣ୍ଣପୁର** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଆଜି ପାନିସିଆଳୀ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଛି। ବିଦ୍ୟାଳୟର ସ୍କାଉଟ୍ ଏବଂ ଗାଇଡ୍ ଛାତ୍ରଛାତ୍ରୀମାନେ ଅଳିଆ ଆବର୍ଜନା ସଫା କରିବା ସହ ପଲିଥିନ୍ ଓ ପ୍ଲାଷ୍ଟିକ୍‌ର ବ୍ୟବହାର ନ କରିବା ଲାଗି ଲୋକମାନଙ୍କୁ

ସଚେତନ କରାଇଛନ୍ତି । ଏହି ଅବସରରେ ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା ବାର୍ତ୍ତା ନେଇ ଛାତ୍ରଛାତ୍ରୀମାନଙ୍କ ଏକ ର୍ୟାଲି ଗ୍ରାମ ପରିକ୍ରମା କରିଥିଲା ।

## କୃଷି ତାଲିମ ଶିବିର

ଆକାଂକ୍ଷୀ ଜିଲ୍ଲା **ନବରଙ୍ଗପୁର**ରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଆନୁକୂଲ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଓ ସଂରକ୍ଷଣ ସମ୍ପର୍କରେ ୪ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୃଷି କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ କରି କିଭଳି ସାମାଜିକ ଓ ଆର୍ଥିକ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ହାଇଦ୍ରାବାଦର କେନ୍ଦ୍ରୀୟ ଖାଦ୍ୟ ଓ ବୈଷୟିକ ଅନୁସନ୍ଧାନ ପରିଷଦ ଏବଂ ଓରମାସ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଉତ୍ପାଦକ ଉଦ୍ୟୋଗୀଙ୍କ ସମେତ ୨୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ଏହିଭଳି ଉତ୍ପାଦଗୁଡ଼ିକୁ କୋରାପୁଟ ରେଳବାଇ ଆଉଟ୍‌ଲେଟ୍‌ରେ ବିକ୍ରୟ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ଓରମାସ୍ କୋରାପୁଟ ପକ୍ଷରୁ ସୂଚନା ମିଳିଛି ।

## କୋର୍ କମିଟି ଗଠନ ସଭା

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗରସ୍ଥିତ ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରେ ଆଜି ଡିଭିଜନ୍‌ସ୍ତରୀୟ ହାତୀ ପରିଚାଳନା କୋର୍ କମିଟି ଗଠନ ସଭା ଅନୁଷ୍ଠିତ ହୋଇଛି । ଗ୍ରାମାଞ୍ଚଳରେ ସମସ୍ତ ବନସୁରକ୍ଷା ସମିତି ଓ ସ୍ୱେଚ୍ଛାସେବୀ ସଂସ୍ଥା, ପ୍ରକୃତିପ୍ରେମୀ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଏବଂ ପରିବେଶବିତ୍‌ମାନଙ୍କୁ ନେଇ ହାତୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବା ଲାଗି ଏହି କମିଟି ଗଠିତ

ହୋଇଛି । ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଏହାର ସଭାପତି ରହିଛନ୍ତି ।

## ଭଦ୍ରକ ଉତ୍ତେଜନା

**ଭଦ୍ରକ** ସହର ପୁରୁଣା ବଜାର ଅନ୍ତର୍ଗତ ସନ୍ତିଆଠାରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇଣ୍ଟରନେଟ୍ ସେବା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି । ସମ୍ପୃକ୍ତ ଅଂଚଳରେ ସୁରକ୍ଷା ବ୍ୟବସ୍ଥା ବଜାୟ ରଖିବା ଲାଗି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୬୩ ଲାଗୁ କରାଯାଇଥିବା ଭଦ୍ରକ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି କହିଛନ୍ତି । ସୂଚନାଯୋଗ୍ୟ, ଗତକାଲି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏଥିରେ ୨ ଜଣ ପୁଲିସ୍ କର୍ମୀ ଆହତ ହେବା ସହ ସରକାରୀ ଗାଡି ଭଙ୍ଗାରୁଜା ହୋଇଥିବା ଜଣାପଡିଛି । ସମଗ୍ର ଅଂଚଳରେ ୧୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ କରାଯାଇଥିବାବେଳେ ଏବେ ପରିସ୍ଥିତ ନିୟନ୍ତ୍ରଣାଧିନ ରହିଛି । ସମ୍ପୃକ୍ତ ଅଂଚଳରେ କୌଣସି ପ୍ରକାର ସଭା ସମିତି, ଶୋଭାଯାତ୍ରା ଓ ଏକତ୍ର ହେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଉପଜିଲ୍ଲାପାଳ କହିଛନ୍ତି ।

## ଡ୍ରୋନ୍ ସମ୍ପର୍କରେ ତାଲିମ୍

**ନୟାଗଡ଼** ଜିଲ୍ଲା ପାଣିପୋଇଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷି କ୍ଷେତ୍ରରେ ଡ୍ରୋନ୍‌ର ବ୍ୟବହାର ନେଇ ତାଲିମ ପ୍ରଦାନ କରାଯାଇଛି । ବିଭିନ୍ନ ବ୍ଲକର ୪୦ ଜଣ ଯୁବଚାଷୀଙ୍କୁ ବିଭିନ୍ନ ଉତ୍ପାଦର ସଂରକ୍ଷଣ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅନୀଲ କୁମାର ସ୍ୱାଇଁ ତାଲିମ

ପ୍ରଦାନ ସହ ଡ୍ରୋନ୍ ପରିଚାଳନା, କୁକୁଡା ଚାଷ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା ।

*********************************